## ଦେବୀ ପୀଠରେ ଦଶହରା ପୂଜା

ପଲମ, (ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ଭାମକେଲା ଗ୍ରାମର କାଳୀକେଶ୍ୱରୀ, ବିମଳାକ୍ଷୀ, ବଢ଼ାରଜା, ବସ୍ତ୍ରେନ, କଳାପାହାଡ଼, ଧରଣୀ ଓ ପାଟଦେଓ ଆଦି ଦେବଦେବୀ ପୀଠରେ ଦଶହରା ପର୍ବ ପାଳିତ ହୋଇଯାଇଛି। ପୂଜାର୍ଚ୍ଚନା ପରେ କୁକୁଡ଼ା ଓ ବୋଦା ବଳି ଦିଆଯାଇଥିଲା। ଝଜ ସା, ବାସୁଦେବ ମାଝୀ, ଆନନ୍ଦ ମାଝୀ, ଶିବଲାଲ ବାଗ, କୁବେର ରଣା ଦେବୀପୀଠରେ କାଳିଶି ହୋଇ ଭକ୍ତଙ୍କ ଗୁହାରି ଶୁଣିଥିଲେ।

# ସଂକ୍ଷେପରେ

## ଟ୍ରାକ୍ଟର-ବାଇକ୍ ଧକ୍କା: ଯୁବକ ମୃତ

ଅମରପାଲି,୨୧।୧୦(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଅଧୀନ ଯୁବରାଜପୁର-ସାନକିରାସିରା ଛକ ନିକଟରେ ବୁଧବାର ସକାଳେ ଏକ ଟ୍ରାକ୍ଟର ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମୁର୍ଷୁଣି ଗ୍ରାମର ଶଙ୍କର୍ଷଣ ଦ୍ୱାରୀ (୨୦)। ଏଥିରେ ତାଙ୍କ ଭାଇ ଗୁରୁତର ଆହତ ହୋଇ ବୀରମହାରାଜପୁର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସୁବଳୟା ପୋଲିସ ବ୍ୟବଚ୍ଛେଦ ପରେ ପରିବାରଙ୍କୁ ମୃତଦେହ ହସ୍ତାନ୍ତର କରିଛି। ଟ୍ରାକ୍ଟର ନେଇ ଚାଳକ ଫେରାର ହୋଇଯାଇଛନ୍ତି। ଏ ନେଇ ସୁବଳୟା ଥାନାରେ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ କୁଶ ପାଣିଗ୍ରାହୀ ପ୍ରକାଶ କରିଛନ୍ତି। ଦୁଇଭାଇ ତ୍ରିବଣପୁର ଅଞ୍ଚଳକୁ ଏକ ବାଇକ୍‌ରେ ଯାଉଥିଲେ। ଜନକପୁର ନିକଟସ୍ଥ ସୁରବାଲି ଯୋର ପୋଲ ଅତିକ୍ରମ ପରେ ଟ୍ରାକ୍ଟର ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଶଙ୍କର୍ଷଣ ଓ ତାଙ୍କ ଭାଇ ତଳେ ପଡିଯାଇଥିଲେ। ଶଙ୍କର୍ଷଣଙ୍କ ଉପରେ ଟ୍ରାକ୍ଟର ମାଡି ଯାଇଥିଲା। ଉଭୟଙ୍କୁ ଗୁରୁତର ଅବସ୍ଥାରେ ବୀରମହାରାଜପୁର ଡାକ୍ତରଖାନାକୁ ଅଣାଯାଇଥିଲା। ଶଙ୍କର୍ଷଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ଲଗାଣ ବର୍ଷାରେ ଗଜା ହେଲା ମକା

ପଲମ, ୨୧।୧୦(ଡି.ଏନ.ଏ.): ଲଘୁଚାପଜନିତ ଲଗାଣ ବର୍ଷା କଳାହାଣ୍ଡି ଜିଲା ନର୍ଲା ବ୍ଲକ ଉଲିକୁପା ଗ୍ରାମର ମକା ଚାଷୀଙ୍କୁ ହତାଶା ମଧକୁ ଟାଣି ନେଇଛି। ବର୍ଷା ଯୋଗୁ ଅମଳ ହୋଇ ଶୁଖା ଯାଇଥିବା ମକା ଗଜା ହୋଇଯାଇଛି। ଗାଁର ୫୦ରୁ ୬୦ଜଣ ଚାଷୀ କ୍ଷତିଗ୍ରସ୍ତ ହୋଇଥିବା ଅଭିଯୋଗ ହୋଇଛି। ଋଣ କରି ଫସଲ କରିଥିବା ଚାଷୀ କିପରି ପରିଶୋଧ କରିବ ଚିନ୍ତାରେ ପଡି ଯାଇଛି। କୃଷି ବିଭାଗ ଅଧିକାରୀ କ୍ଷୟକ୍ଷତି ଆକଳନ କରି ସହାୟତା ପ୍ରଦାନ କରିବାକୁ ଗ୍ରାମର ସାନୁର୍ଯ୍ୟ ଶବର, ନରିନ ଶବର, ଡମ୍ବରୁଧର, ଟଙ୍କଧର ଶବର, ଅଜିତ ମାଝି ପ୍ରମୁଖ ଚାଷୀ ଦାବି କରିଛନ୍ତି।

## ସମଲେଶ୍ୱରୀ ମନ୍ଦିରକୁ ଛତ୍ର ବିଜେ

ଗୁଡ଼ଭେଲା,୨୧।୧୦(ଡି.ଏନ.ଏ.): ବଲାଙ୍ଗୀର ଜିଲା ତୁଷୁରା ସହରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ସମଲେଇ ଯାତ୍ରା କୋଭିଡ୍ ନିୟମ ଅନୁଯାୟୀ ଆରମ୍ଭ ହୋଇଛି। ବୁଧବାର ପୂଜକ ଗୋପାଳ ଭୋଇଙ୍କ ଘରେ ଛତ୍ରର ପୂଜାର୍ଚ୍ଚନା ପରେ ନିରାଡ଼ମ୍ବରଭାବେ ମନ୍ଦିର ଅଣାଯାଇଥିଲା।

## ଶହୀଦ ଧନମାଳି ନାଗଙ୍କୁ ଶ୍ରଦ୍ଧାଞ୍ଜଳି

କେସିଙ୍ଗା, ୨୧।୧୦ (ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ଥାନାରେ ବୁଧବାର ପୋଲିସ ଶହୀଦ ଦିବସ ପାଳିତ ହୋଇଛି। ଏହି ଅବସରରେ ୧୯୯୮ ଫେବୃୟାରୀ ୨ରେ ରାୟଗଡା ଜିଲା ଲାଡା ଅଞ୍ଚଳରେ ନିର୍ବାଚନ ଡ୍ୟୁଟିରେ ଥିବାବେଳେ ମାଓବାଦୀଙ୍କ ଗୁଳିରେ ଶହୀଦ ହୋଇଥିବା ଭାନପୁର ଗାଁର ଧନମାଳୀ ନାଗଙ୍କୁ ସମସ୍ତ ଅଧିକାରୀ ଓ କର୍ମଚାରୀ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଶହୀଦଙ୍କ ପରିବାର ସଦସ୍ୟ ମଧ ଉପସ୍ଥିତ ଥିଲେ। ଆଇଆଇସି ରମଣୀରଞ୍ଜନ ଦଳେଇଙ୍କ ତତ୍ତ୍ୱାବଧାନରେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ହୋଇଥିଲା।

## ଯୁକ୍ତ ୩ କଳା ପରୀକ୍ଷାଫଳ ଶୀର୍ଷ ୧୦ତାଲିକାରେ ଲୋଇସିଂହା କଲେଜର ୪ ଛାତ୍ରୀଛାତ୍ର

ଲୋଇସିଂହା,୨୧।୧୦(ଡି.ଏନ.ଏ.): ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନ ଯୁକ୍ତ ୩ କଳା ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଶୀର୍ଷ ୧୦(ଟପ୍ ଟେନ୍) ତାଲିକାରେ ବଲାଙ୍ଗୀର ଜିଲା ଲୋଇସିଂହା ମହାବିଦ୍ୟାଳୟର ୪ ଜଣ ଛାତ୍ରୀଛାତ୍ର ରହିଛନ୍ତି। ରାଜନୀତି ବିଜ୍ଞାନ ସମ୍ମାନରୁ ୨ ଜଣ, ଓଡ଼ିଆ ଓ ଗୃହ ବିଜ୍ଞାନ ସମ୍ମାନରୁ ଜଣେ ଲେଖାଏ ରହିଥିବା ଜଣାପଡିଛି। ରାଜନୀତି ବିଜ୍ଞାନ(ସମ୍ମାନ)ର ୫ନଂ ର୍‍ୟାଙ୍କରେ ହେମବତୀ ବାରିକ, ୮ ନଂ ର୍‍ୟାଙ୍କରେ ଶିବାଞ୍ଜଳି ପଧାନ, ଓଡିଆ ସମ୍ମାନ ୬ ନଂ ର୍‍ୟାଙ୍କରେ ନୀତୁ ଦାସ, ଗୃହ ବିଜ୍ଞାନ(ସମ୍ମାନ) ୭ ନଂ ର୍‍ୟାଙ୍କରେ ମିଲି ବିଶ୍ୱାଳ ରହିଛନ୍ତି। ୮୧ ଜଣ ଛାତ୍ରୀଛାତ୍ର ଚଳିତବର୍ଷ ପରୀକ୍ଷା ଦେଇଥିଲେ। କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ କଲେଜର ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଶୁଭେଚ୍ଛା ଜଣାଇଛନ୍ତି।

# ୩୮ମାସର ଦରମା ମିଳିନି, ଧାରଣାରେ ଚିନିକଳ ସୁରକ୍ଷାକର୍ମୀ

ବରଗଡ଼ ଅଫିସ୍,୨୧।୧୦

ବରଗଡ଼ ସହର ଉପକଣ୍ଠ ଡୋରାସ୍ଥିତ ସମବାୟ ଚିନିକଳରେ କାର୍ଯ୍ୟରତ ସୁରକ୍ଷା କର୍ମୀମାନେ ଦୀର୍ଘ ୩୮ମାସ ଧରି ଦରମା ପାଇ ନାହାନ୍ତି। କରୋନା ସମୟରେ ଦରମା ନ ମିଳିବା ଯୋଗୁ ସେମାନଙ୍କ ଆର୍ଥିକ ସ୍ଥିତି ଭୁଶୁଡ଼ି ପଡ଼ିଛି। ପରିବାର ଗୁଜୁରାଣ ମେଣ୍ଟାଇବା କଷ୍ଟସାଧ୍ୟ ହୋଇ ପଡ଼ିଛି। ଏଭଳି ଅଭିଯୋଗ ଆଣି ବୁଧବାର ସେମାନେ ସମବାୟ ଚିନିକଳ ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱରେ ଥିବା ସହକାରୀ ସମବାୟ ନିବନ୍ଧକ(ଏଆରସିଏସ)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବେଇଥିଲେ।

ଦରମା ପାଉ ନ ଥିବା ନେଇ ସେମାନେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କଠାରୁ ଆରମ୍ଭ କରି ଜିଲାପାଳଙ୍କ ଯାଏ ଫେରାଦ ହୋଇଛନ୍ତି। କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ସୁଫଳ ମିଳି ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ସେପ୍ଟେମ୍ବର ୩୦ ତାରିଖରେ ସେମାନେ ଏକ ଚିଠି ଲେଖି ଅକ୍ଟୋବର ୬ତାରିଖ ମଧ୍ୟରେ ଦରମା ଦେବାକୁ ଦାବି କରିଥିଲେ। ନ ହେଲେ ଅକ୍ଟୋବର ୭ତାରିଖରୁ ଛୁଟିରେ ରହିବେ ବୋଲି ଚେତାବନୀ ଦେଇଥିଲେ। ୮ଦିନ କାର୍ଯ୍ୟରେ ଯୋଗ ମଧ୍ୟ ଦେଇ ନ ଥିଲେ।

ତେବେ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା ହୋଇଥିଲା ଏବଂ ସେମାନଙ୍କୁ ଦରମା ବାବଦକୁ କିଛି ଟଙ୍କା ଦେବା ପାଇଁ ନିର୍ଭର ପ୍ରତିଶ୍ରୁତି ମିଳିବା ପରେ ସେମାନେ ପୁଣି କାର୍ଯ୍ୟରେ ଯୋଗ ଦେଇଥିଲେ। କିନ୍ତୁ ପ୍ରତିଶ୍ରୁତି ରହି ନାହିଁ। ଫଳରେ ସୁରକ୍ଷାକର୍ମୀମାନେ କାରଖାନା କର୍ତ୍ତୃପକ୍ଷଙ୍କ ଉପରେ ଆସ୍ଥା ହରାଇ ଧାରଣାକୁ ଓହ୍ଲାଇଛନ୍ତି। ରବୀନ୍ଦ୍ର କୁମାର ସାହୁ, ହେମସାଗର ପୋଢ଼, ଦିପରାଜ ପ୍ରସାଦ, ସତ୍ୟବାନ ଦାଶ ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ। ଆମ୍ ଆଦମୀ ପାର୍ଟି(ଆପ୍)ର କାର୍ଯ୍ୟକର୍ତ୍ତା ଭବାନୀ ପ୍ରସାଦ ସାହୁ, ଅମିତାଭ ପାତ୍ର, ଶାନ୍ତନୁ ମେହେର ପ୍ରମୁଖ ଧାରଣାସ୍ଥଳରେ ପହଞ୍ଚି ସମର୍ଥନ ଜଣାଇଥିଲେ। ମହାମାରୀ କରୋନା ସମୟରେ ସୁରକ୍ଷାକର୍ମୀଙ୍କୁ ଦରମା ନ ଦେବା ଆଦୌ ଗ୍ରହଣୀୟ ନୁହେଁ। ସେମାନଙ୍କୁ ତୁରନ୍ତ ଦରମା ପ୍ରଦାନ କରାଯାଉ ବୋଲି ଆପ୍ କାର୍ଯ୍ୟକର୍ତ୍ତା ଦାବି କରିଛନ୍ତି।



ସମବାୟ ନିବନ୍ଧକଙ୍କ ଅଫିସ ଆଗରେ ଚିନିକଳ ସୁରକ୍ଷାକର୍ମୀଙ୍କ ଧାରଣା।

## ଗଞ୍ଜେଇ ଜବତ, ୨ଗିରଫ

ବରଗଡ଼ ଅଫିସ୍,୨୧।୧୦

ବରଗଡ଼ ଜିଲା ପଦ୍ମପୁର ପୋଲିସ ବୁଧବାର ଗଞ୍ଜେଇ ବୋଝେଇ ଏକ ସୁଇଫ୍ଟ ଡିଜାୟର କାର୍(ନଂ-ସିଜି୦୭ଟି ୨୫୧୨) ଜବତ୍ କରିଛି। ଏହି ଘଟଣାରେ ୨ଜଣଙ୍କୁ ଗିରଫ କରାଯାଇଛି। ଉକ୍ତ କାର୍‌କୁ ଏସକର୍ଟ କରି ଆଣୁଥିବା ୨ବାଇକ୍ ମଧ୍ୟ ଜବତ୍ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ପଦ୍ମପୁର ଥାନା ଜମଲା ଗ୍ରାମର ସହଦେବ ମେହେର(୫୩) ଓ ମଧ୍ୟପ୍ରଦେଶ ରାଜ୍ୟ ହରଦିଆ ଗ୍ରାମର ଶୁକଦେବ ଓରଫ୍ ପପ୍ପୁ ଝରିଆ(୩୮)। ସେମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ସ୍ଥାନୀୟ ସବଜେଲକୁ ପଠାଇ ଦିଆଯାଇଛି। ସେହିପରି ଏହି ଘଟଣାରେ ଅନ୍ୟଜଣେ ନାବାଳକ ଧରାପଡ଼ିଛନ୍ତି। ତାଙ୍କୁ ସୁଧାର ଗୃହକୁ ପଠାଯିବ ବୋଲି ପୋଲିସ କହିଛି। ଏ ନେଇ ପଦ୍ମପୁର ଥାନାରେ ଏକ ମାମଲା(ନଂ-୨୪୨/୨୦) ରୁଜୁ ହୋଇଛି।

## ଜାଲ୍ ଟିଡିଆର୍ ମାମଲାରେ ଜେଲ ଗଲେ ଠିକାଦାର

ଦେବଗଡ,୨୧।୧୦(ଡି.ଏନ୍.ଏ.)

ଦେବଗଡ ଜିଲା କ୍ଷୁଦ୍ର ଜଳ ସେଚନ ବିଭାଗରେ ୨୦୧୭ରେ ହୋଇଥିବା ଜାଲ୍ ଟିଡିଆର ଘଟଣାରେ ଅଭିଯୁକ୍ତ ଠିକାଦାର ଜେଲ୍ ଯାଇଛନ୍ତି। ଏହି ଠିକାଦାର ଜଣକ ହେଲେ ରେଢାଖୋଲର ମନୋରଞ୍ଜନ ନାୟକ। ଦେବଗଡ ଏସ୍‌ପି ମନୋଜ କୁମାର ମାହାନ୍ତଙ୍କ ନିର୍ଦ୍ଦେଶରେ ସବ୍‌ଇନ୍ସପେକ୍ଟର ପ୍ରଦୀପ ରଞ୍ଜନ ପାତ୍ର ଓ ବୁଦ୍ଧରାଏ ମାଝି ମଙ୍ଗଳବାର ରାତିରେ ତାଙ୍କୁ ରେଢାଖୋଲରୁ ଗିରଫ କରିଥିଲେ। ସେ ୩୭ଲକ୍ଷ ୧୯ ହଜାର ୧୧୧ ଟଙ୍କାର ଠିକା କାମ ୮ ଲକ୍ଷ ୩୯ ହଜାର ଟଙ୍କାର ୩ଟି ଜାଲ ଟିଡିଆର ବଦଳରେ ହାତେଇଥିଲେ। ଏହା ଜଣା ପଡ଼ିବା ପରେ ବିଭାଗ ପକ୍ଷରୁ ଦେବଗଡ ଥାନାରେ ସେହିବର୍ଷ ନଭେମ୍ବର ୧୫ ତାରିଖରେ ଲିଖିତ ଅଭିଯୋଗ କରାଯାଇଥିଲା। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ମାତ୍ର ସେହିଦିନଠାରୁ ଅଭିଯୁକ୍ତ ଠିକାଦାର ମନୋରଞ୍ଜନ ଫେରାର ଥିଲେ। ଶେଷରେ ୩ ବର୍ଷ ପରେ ପୋଲିସ ତାଙ୍କୁ ଗିରଫ କରିଛି।

## ଇଓଙ୍କୁ ଦାବିପତ୍ର ଦେଲା ୟୁଥ୍ ଆକ୍ସନ କମିଟି

ଗୁଡଭେଲା,୨୧।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ତୁଷୁରା ଏନଏସିରେ କାର୍ଯ୍ୟରତ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ବିଭିନ୍ନ କାମ ନେଇ କାର୍ଯ୍ୟାଳୟକୁ ଆସୁଥିବା ଲୋକଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି ସ୍ଥାନୀୟ ୟୁଥ ଆକ୍ସନ କମିଟି। ଏ ନେଇ କମିଟି ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ(ଇଓ) ଲକ୍ଷ୍ମଣ ମୁର୍ମୁଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ମଙ୍ଗଳବାର ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଉଠାଦେକାନୀ ସଂଘ ପକ୍ଷରୁ ଏକ ଦାବିପତ୍ର ଦିଆଯାଉଥିଲା। ଏହି ସମୟରେ ଜଣେ ଗଣମାଧ୍ୟମ ପ୍ରତିନିଧି ଓ ତାଙ୍କ ସହଯୋଗୀ ଖବର ସଂଗ୍ରହ ପାଇଁ ଯାଇଥିବା ବେଳେ ଉକ୍ତ ଚତୁର୍ଥ ଶ୍ରେଣୀ କର୍ମଚାରୀ ଫଟୋ ଉଠାଇବାକୁ ମନା କରିବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଦାବିପତ୍ର ପ୍ରଦାନ ବେଳେ ଶ୍ରୀକାନ୍ତ ବାଗ, ପୂର୍ଣ୍ଣଚନ୍ଦ୍ର ସାହୁ, କାହ୍ନା ପ୍ରଧାନ, ଆୟୁଶ ପ୍ରଧାନ ଉପସ୍ଥିତ ଥିଲେ।

## ରିଶିତା, ଟ୍ୱିଙ୍କିଲ କଲେଜ ଟପ୍ପର



ରିଶିତା ପଧାନ।



ଟ୍ୱିଙ୍କିଲ କୁଷ୍ଟା।

### ବିପିୟୁଟି ସେମିଷ୍ଟର ଫଳାଫଳରେ ବିକାଶର ସଫଳତା

ବରଗଡ଼ ଅଫିସ୍,୨୧।୧୦

ବିଜୁ ପଟ୍ଟନାୟକ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି(ବିପିୟୁଟି) ଅଧୀନରେ ଚାଲିଥିବା ସେମିଷ୍ଟାର ପରୀକ୍ଷା ଫଳରେ ବିକାଶ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଛାତ୍ରୀଛାତ୍ର ସଫଳତା ଅର୍ଜନର କରିଛନ୍ତି। କମ୍ପ୍ୟୁଟର ସାଇନ୍ସ ଓ ଇଞ୍ଜିନିୟରିଂ ବିଭାଗର ୪ଜଣ, ସିଭିଲ ଇଞ୍ଜିନିୟରିଂ ବିଭାଗର ଜଣେ, ଇଲେକ୍ଟ୍ରିକାଲ ଆଣ୍ଡ୍ ଇଲେକ୍ଟ୍ରୋନିକ୍ସ ବିଭାଗର ଜଣେ ଛାତ୍ରୀଛାତ୍ର ୯ଏସଜିପିଏରୁ ଊର୍ଦ୍ଧ୍ୱ ମାର୍କ ରଖି ସଫଳ ହୋଇଛନ୍ତି। ଉକ୍ତ ପରୀକ୍ଷାରେ କମ୍ପ୍ୟୁଟର ସାଇନ୍ସ ଓ ଇଞ୍ଜିନିୟରିଂ ବିଭାଗର ରିଶିତା ପଧାନ ଓ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟରିଂ ବିଭାଗର ଟ୍ୱିଙ୍କିଲ କୁଷ୍ଟା ୯.୩୫ ସିଜିପିଏ ଲେଖାଏ ମାର୍କ ରଖି କଲେଜ ଟପ୍ପର ହୋଇଛନ୍ତି।

ସିଭିଲ ଇଞ୍ଜିନିୟରିଂ ବିଭାଗର ବିନିତା ପଟେଲ ୯.୨୨. ମେକାନିକାଲ ଇଞ୍ଜିନିୟରିଂ ବିଭାଗର କରନ୍ ଭରାସାଗର ୮.୯୬ ସିଜିପିଏ ମାର୍କ ରଖି ସମ୍ପୃକ୍ତ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ବୋଲି ବିକାଶ ଗ୍ରୁପର ଏକ୍ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କମ୍ପ୍ୟୁଟର ସାଇନ୍ସ ଓ ଇଞ୍ଜିନିୟରିଂ ବିଭାଗର ଓମକାର ନାୟକ, ଆୟୁଷ କୁମାର ଟୁଙ୍ଗୋ, ମାନସୀ ପଣ୍ଡା, ଯଶୋବନ୍ତ ବରିହା, ଗନି ସାଇ ଭେଙ୍କଟ, ପ୍ରିୟଙ୍କା ଡନସନା, ରୋଶନ କୁମାର ଜେନା, ପଲ୍ଲବୀ ସିଂ, ସୌମ୍ୟଶ୍ରୀ ବାଗ, ସିଭିଲ ଇଞ୍ଜିନିୟରିଂ ବିଭାଗର ଶ୍ରେୟାଂଶ ପଣ୍ଡା, ସତ୍ୟମ ଭୋଇ, ଇଲେକ୍ଟ୍ରିକାଲ ଆଣ୍ଡ୍ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟରିଂ ବିଭାଗର ଆଲୋକ କୁମାର ମେହେର, ଶିଶିର କୁମାର ଭୋଇ, ବିକାଶ ଖର୍ସେଲ ପ୍ରମୁଖ ସଫଳତା ପାଇଛନ୍ତି। ଛାତ୍ରୀଛାତ୍ରଙ୍କ ଏଭଳି ସଫଳତାରେ ବିକାଶ ଗ୍ରୁପର ଚେୟାରମ୍ୟାନ ଡି.ମୁରଲୀକ୍ରିଷ୍ଣା, ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଏକ୍ଜିକ୍ୟୁଟିଭ ଡାଇରେକ୍ଟର ଭି. ଶ୍ରୀନିବାସ, ଡାଇରେକ୍ଟର (ଏକାଡ଼େମିକ୍ସ) ଜି.ରାମକ୍ରୀଷ୍ଣା, ଡାଇରେକ୍ଟର (ଏଡ଼ମିନିଷ୍ଟ୍ରେଶନ) ଡି. ବିବେକ, ବିକାଶ ଇନଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜିର ଅଧ୍ୟକ୍ଷ ଇଂ ଅଜୟ ମହାପାତ୍ର ପ୍ରମୁଖ କୃତୀ ଛାତ୍ରୀଛାତ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଜିଲାପାଳ ଅଫିସ ଆଗରେ ବିକ୍ଷୋଭ




ଜିଲାପାଳ ଅଫିସ ଆଗରେ ଅଙ୍ଗନୱାଡି କର୍ମୀଙ୍କ ବିକ୍ଷୋଭ।

ବରଗଡ଼ ଅଫିସ୍,୨୧।୧୦

ପଶ୍ଚିମ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ, ସହାୟିକା ସଂଘ ବରଗଡ଼ ଜିଲା ଶାଖା ପକ୍ଷରୁ ବୁଧବାର ବିଭିନ୍ନ ଦାବି ନେଇ ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦାନ କରାଯାଇଥିଲା। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଏକ ସ୍ମାରକପତ୍ର ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ପ୍ରଦାନ କରାଯାଇଥିଲା। ସ୍ମାରକପତ୍ରରେ ଅଙ୍ଗନୱାଡ଼ି କର୍ମୀଙ୍କ ଚାକିରିକୁ ନିୟମିତ କରିବା, ମାସିକ ୨୧ହଜାରରୁ ଅଧିକ ଦରମା, ୧୦ହଜାର ଟଙ୍କା ପେନସନ, କରୋନା ଯୋଦ୍ଧା ଅଙ୍ଗନୱାଡ଼ି କର୍ମୀଙ୍କୁ ଅଧିକ ପ୍ରୋତ୍ସାହନ ରାଶି ପ୍ରଦାନ, ରିସ୍କ ଆଡ଼ଭାନ୍ସଡ୍ ଶିକ୍ଷାନୀତିରେ ଆବଶ୍ୟକ ସଂଶୋଧନ, ଆଇସିଡିଏସକୁ ଘରୋଇକରଣ କରିବା ଯୋଜନାରୁ ଓହରିବା, ବଜାର ଦର ଅନୁସାରେ ଅଣ୍ଡା ପ୍ରଦାନ, ସୁପରଭାଇଜର ପଦବୀରେ ପଦୋନ୍ନତି ଦେବା ସମୟରେ ସବୁ ବ୍ଲକକୁ ଅଗ୍ରାଧିକାର ଦେବା, ବକେୟା ପାଉଣା ଦେବା ଆଦି ଦାବି ରହିଛି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ, ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନେ ଏକ ଶୋଭାଯାତ୍ରାରେ ଜିଲାପାଳ ଅଫିସ ଅଭିମୁଖେ ଆସିଥିଲେ। ସେଠାରେ ପହଞ୍ଚିବା ପରେ ସେମାନେ ଜିଲାପାଳ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ ସହିତ ନାରାବାଜି କରିଥିଲେ। ଆବାହକ ପ୍ରଶାନ୍ତ ପାଢ଼ୀ, ବାଳକୃଷ୍ଣ ଭୋଇ, ନିତମ୍ବିନୀ ଦାସ, ସାଧବୀ ବିଶ୍ୱାଳ, ବିଳାସିନୀ ମହାପାତ୍ର, ଅହଲ୍ୟା ପଣ୍ଡା, ଚନ୍ଦ୍ରକାନ୍ତୀ ସରାଫ, ବିଷ୍ଣୁପ୍ରିୟା ବାରିକ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।

## ୧୮ମୌଜା ବୈଶ୍ୟ ହଟୁଆ ସମାଜର ନୂତନ କର୍ମକର୍ତ୍ତା

ଦେଓଗାଁ,୨୧।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ୧୮ ମୌଜା ବୈଶ୍ୟ ହଟୁଆ ସମାଜର ନୂତନ କର୍ମକର୍ତ୍ତା ଚୟନ ସଭା ମିର୍ଦ୍ଧାପାଲିରେ ଅନୁଷ୍ଠିତ ହୋଇଯାଇଛି। ଗୋକୁଳ ଦଳାଇ ଏଥିରେ ସଭାପତିତ୍ୱ କରିଥିଲେ। ମୋହନ ଦଳାଇଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ସର୍ବସମ୍ମତିକ୍ରମେ ନୂତନ ସଭାପତିଭାବେ ହରିଶ୍ଚନ୍ଦ୍ର ପଧାନ, ଉପସଭାପତି ଦଶରଥ ସେନାପତି, ସମ୍ପାଦକ କୈଳାସ କର୍ଣ୍ଣ, ସହସମ୍ପାଦକ ମୋହନ ଦଳାଇ, କୋଷାଧ୍ୟକ୍ଷ ଶଙ୍କର ସେନାପତି ଓ ସମୀକ୍ଷକ ଭାବେ ଉଦୟନାଥ ବେହେରା ଓ ପଦ୍ମପୁରର ଟେକେଶ୍ୱର ସେନାପତି ମନୋନୀତ ହୋଇଥିଲେ। ଉପଦେଷ୍ଟାଭାବେ ଗୋକୁଳ ଦଳାଇ, ଗୁଣନିଧି କର୍ଣ୍ଣ, ଅନିରୁଦ୍ଧ ବେହେରା, ଗୌରୀ ବେହେରା ପ୍ରମୁଖଙ୍କୁ ରଖାଯାଇଛି।

## ଡ୍ରେନ୍‌ରୁ ଉଦ୍ଧାର ଶିଶୁକନ୍ୟାକୁ କୋଳେଇ ନେଲେ ଦମ୍ପତି

ବଲାଙ୍ଗୀର ଅଫିସ, ୨୧।୧୦

ବଲାଙ୍ଗୀର ତୁଳସୀନଗରର ଆୟୁର୍ବେଦିକ କଲେଜ ପାଚେରୀ ନିକଟ ଡ୍ରେନ୍‌ରୁ ଉଦ୍ଧାର ହୋଇଥିବା ଏକ ଶିଶୁକନ୍ୟାକୁ ବାଙ୍ଗାଲୋରର ଏକ ଦମ୍ପତି ପୌଷ୍ୟକନ୍ୟା ଭାବେ ଗ୍ରହଣ କରିଛନ୍ତି। ବୁଧବାର ଜିଲାପାଳ ଚଞ୍ଚଳ ରାଣା ଉକ୍ତ ଶିଶୁକୁ ସମ୍ପୃକ୍ତ ଦମ୍ପତିଙ୍କୁ ହସ୍ତାନ୍ତର କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂ, ଜିଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଯୋଗେଶ୍ୱର ମହାନ୍ତି, ସଦସ୍ୟ ଡା, ଗୋଦାବରୀଶ ରଥ, ବିରଞ୍ଚି ବହିଦାର, ଡିସିପିୟୁ ଅଫିସର ସୁଧାଂଶୁ କୁମ୍ଭାର, ପୌଷ୍ୟସନ୍ତାନ ଗ୍ରହଣ ଅନୁଷ୍ଠାନ ସମ୍ପାଦକ କ୍ଷମାନିଧି ମେହେର ଉପସ୍ଥିତ ଥିଲେ। ପୂର୍ବରୁ ଜିଲା ଶିଶୁ ସୁରକ୍ଷା ଅଫିସରୁ ବିଧିବଦ୍ଧ ପୌଷ୍ୟ ସନ୍ତାନ ଗ୍ରହଣ ନେଇ ସମସ୍ତ ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଗତ ମାର୍ଚ୍ଚ ମାସ ୮ ତାରିଖରେ ଆୟୁର୍ବେଦ କଲେଜ ନିକଟ ଡ୍ରେନ୍‌ରେ କେହି ଏକ ନବଜାତ ଶିଶୁକନ୍ୟାକୁ ଫିଙ୍ଗି ଦେଇଥିଲା। ଚାଇଲ୍ଡ ଲାଇନ୍ ପକ୍ଷରୁ ଶିଶୁକନ୍ୟାକୁ ଉଦ୍ଧାର କରାଯାଇ ଜିଲା ଶିଶୁ ମଙ୍ଗଳ ସମିତି ଓ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌କୁ ହସ୍ତାନ୍ତର କରାଯାଇଥିଲା।

## ସମଲେଇ ମନ୍ଦିର ପୂଜକଙ୍କ କୋଭିଡ୍ ପରୀକ୍ଷା

ବଲାଙ୍ଗୀର ଅଫିସ, ୨୧।୧୦

ବଲାଙ୍ଗୀର ସମଲେଇ ମନ୍ଦିର ମୁଖ୍ୟ ପୂଜକ ଟଙ୍କଧର ଦିଶ୍ରୀ, ସହଯୋଗୀ ପରିତୋଷ ସାହା, ଗୋକୁଳାନନ୍ଦ ମିଶ୍ର, ନବୀନ ହୋତା, ଶ୍ୟାମ ପ୍ରସାଦ ଗୁରୁ, ବିକାଶ ସା, ସୋମନାଥ ଆଚାର୍ଯ୍ୟ, ଶୋଭନ କୁମାର ଅଗ୍ରୱାଲ, ଅଭିଷେକ ସା, ଜନକ ସାହୁ, ଗୌରୀ ମନହୀରାଙ୍କ କୋଭିଡ ପରୀକ୍ଷା କରାଯାଇଛି। ସ୍ଥାନୀୟ ଆୟୁର୍ବେଦିକ କଲେଜ ପରିସରରେ ଏହି ପରୀକ୍ଷା କରାଯାଇଥିଲା। ପାର୍ବଣକୁ ଆଖି ଆଗରେ ରଖି ସମସ୍ତ ମନ୍ଦିର ପୂଜକ ଓ ସହଯୋଗୀଙ୍କ କୋଭିଡ ପରୀକ୍ଷା କରିବା ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ ଦେଇଥିଲେ।

## ୧୯ବର୍ଷରୁ କମ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ: ଘୁଚିପାଲି ଚାମ୍ପିୟନ

ଦେଓଗାଁ,୨୧।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ ଅନ୍ତର୍ଗତ ଘୁଚିପାଲି ଖେଳ ପଡିଆରେ ବୁଧବାର ୧୯ବର୍ଷରୁ କମ୍ ଏକଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଘୁଚିପାଲି ଓ ଜରାସିଂହା ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଖେଳ ଅମୀମାଂସିତ ରହିବାରୁ ଟାଇବ୍ରେକରରେ ଘୁଚିପାଲି ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଖେଳକୁ ମଣି ଧରୁଆ, ସୁରେନ୍ଦ୍ର କୁମାର ଭୋଇ ଓ ଅନଙ୍ଗ ବାଗ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବିଡିସିସି ସଭାପତି ଲକ୍ଷ୍ମଣ କୁମାର ମେହେର, ସମ୍ମାନୀତ ଅତିଥି ପ୍ରମୋଦ କୁମାର ବହିଦାର ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଯୁବନେତା ବିଶ୍ୱଜୀତ ପାତ୍ର, ସମ୍ମାନୀତ ଅତିଥିଭାବେ ଚିତ୍ତରଞ୍ଜନ ପଣ୍ଡା ଓ ନୀଳମଣି ଦୀପ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ଗୌତମ ଧରୁଆ, ନରେଶ ଭୋଇ, ତ୍ରିଲୋଚନ ମାଝୀ, ଭୁବନେ ଭୋଇ ପ୍ରମୁଖ ସହଯୋଗ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ।



ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ ତ୍ୱରାନ୍ୱିତ କରିବାକୁ ଗୁରୁତ୍ୱ

ଦେଓଗାଁ, ୨୧।୧୦(ଡି.ଏନ.ଏ.)

### ଦେଓଗାଁ ପଞ୍ଚାୟତ ସମିତି ବୈଠକ

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସଭାଗୃହରେ ବୁଧବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ନବୀନ କିଶୋର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନା ମେହେର ଅଧ୍ୟକ୍ଷତା କରିଥିଲେ। କରୋନା କଟକଣା ଯୋଗୁ ଲୋକଙ୍କ ଜୀବନ ଜୀବିକା ଉପରେ ବିଶେଷ ପ୍ରଭାବ ପଡିଛି। ଏଣୁ ବ୍ଲକ ପ୍ରଶାସନ ପ୍ରତି ଗାଁରେ ଜୀବନଜୀବିକା ଉପରେ କାର୍ଯ୍ୟ କରିବା ପାଇଁ ବ୍ଲକ ସରପଞ୍ଚ ସଂଘ ସଭାପତି ଦୟାନିଧି ଖମାରୀ ପ୍ରସ୍ତାବ ଦେଇଥିଲେ। ଅନେକ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ସୁଚାରୁରୂପେ ଚାଲୁ ନ ଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ସର୍ବସମ୍ମତିକ୍ରମେ କେନ୍ଦ୍ର ସରକାରଙ୍କ ପଞ୍ଚଦଶ ଅର୍ଥମିଶନ ଓ ରାଜ୍ୟ ସରକାରଙ୍କ ପଞ୍ଚମ ଅର୍ଥ କମିଶନଙ୍କ ବାର୍ଷିକ ଖସଡା ପ୍ରସ୍ତୁତ କରାଯାଇଥିଲା। ପରେ ଏଫ୍‌ଡିଆର୍(ଫ୍ଲଡ ରିପେୟାରିଂ ଫଣ୍ଡ) ଅତିକମ୍‌ରେ ୭ ଦିନ ମଧ୍ୟରେ କାର୍ଯ୍ୟାରମ୍ଭ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ବ୍ଲକ ଅନ୍ତର୍ଗତ ୨୩ଟି ପଞ୍ଚାୟତ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରୁ ବଞ୍ଚିତ ରହିଥିବାରୁ କିପରି ଚାଷୀ ସହାୟତା ପାଇବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମେହେର ପ୍ରଶ୍ନ ଉଠାଇଥିଲେ। ଏଥିସହ ବନଜାତ ଦ୍ରବ୍ୟ ନିର୍ଦ୍ଧାରଣ ପାଇଁ ଏକ କମିଟି ଗଠନ କରାଯାଇଥିଲା। ବ୍ଲକରେ ଯୋଗାଣ ବିଭାଗର ତଦାରଖ ପାଇଁ ୨ଜଣ ସରପଞ୍ଚ ଓ ଜଣେ ସମିତି ସଭ୍ୟଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା। ବ୍ଲକରେ ସମନ୍ୱୟ ଅଭାବରୁ ଉନ୍ନୟନ କାର୍ଯ୍ୟ ବର୍ଷବର୍ଷ ଧରି ପଡିରହୁଥିବାରୁ ମଞ୍ଜୁର ଅର୍ଥ ଫେରିଯିବା ପରିତାପର ବିଷୟ ବୋଲି ଜିଲା ପରିଷଦ ସଭ୍ୟ ସୁଶୀଲ କୁମାର ଚାନ୍ଦ କହିଥିଲେ। ବ୍ଲକରେ ମୁଭ୍‌ମେଣ୍ଟ ରେଜିଷ୍ଟର କାର୍ଯ୍ୟ କରିବା ପାଇଁ ସେ ପ୍ରସ୍ତାବ ଦେଇଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ହେଉଥିବା ବେଳେ ଏହାର ତଦନ୍ତ ହେଉ ନ ଥିବା କହିଥିଲେ ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଅମିତ କୁମାର ସିଂ ନିନା। ବିଧାୟକଙ୍କ ବ୍ଲକ ପ୍ରତିନିଧି କାନ୍ତେଶ୍ୱର ପଧାନ ପୂର୍ବ ବୈଠକର ବିବରଣୀ ପଠନ ସହ ହୋଇଥିବା ପ୍ରସ୍ତାବ ଉପରେ କି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ପ୍ରଶ୍ନ ଉଠାଇଥିଲେ। ସାରସମାଲ ସମିତି ସଭ୍ୟ ପ୍ରମୋଦ କୁମାର ମିଶ୍ର କମ୍ ଉପସ୍ଥାନ ଥିବା ସ୍କୁଲ ଉଠିଯିବା ନିଷ୍ପତ୍ତିର ପୁନଃ ତର୍ଜମା ଏବଂ ବସ୍ତିବାସିନ୍ଦା ଠିକ୍‌ରୂପେ ପାନୀୟ ଜଳ ପାଇ ପାରୁ ନ ଥିବାରୁ ସରପଞ୍ଚ ନିନା ଛତ୍ରିଆ ଉଦ୍‌ବେଗ ପ୍ରକାଶ କରିଥିଲେ। ବୈଠକରେ ବ୍ଲକ ଉପାଧ୍ୟକ୍ଷ ରାଜୁ ବାଗ, ଜିପିଓ ପୁଷ୍ପାଞ୍ଜଳି ନାଏକ, ସହକାରୀ ଯନ୍ତ୍ରୀ ମୋହନ ମହାଲିକ, ଯନ୍ତ୍ରୀ ଜ୍ୟୋତିରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ଜନପ୍ରତିନିଧି।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୨୨ ଅକ୍ଟୋବର, ୨୦୨୦

**ଏନ୍‌ଇଇଟି ପରୀକ୍ଷାରେ ଖରଜୁରା ଗ୍ରାମର ଗଜେନ୍ଦ୍ର ଉତ୍ତୀର୍ଣ୍ଣ**

ତରଭା,(ଡି.ଏନ.ଏ.)-ସୁବର୍ଣ୍ଣପୁର ଜିଲା ଅନ୍ତର୍ଗତ ଖରଜୁରା ଗ୍ରାମର ଗଜେନ୍ଦ୍ର ସୁନା ସର୍ବଭାରତୀୟ ନିଟ୍ (ଏନ୍‌ଇଇଟି)ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି । ସେ ୭୨୦ରୁ ୬୦୨ ମାର୍କ ଆଣି ସର୍ବଭାରତୀୟ ଏସ.ସି କାଟାଗୋରିରେ ୩୧୫୫ ନମ୍ବର ର୍‌ୟାଙ୍କ୍‌ରେ ରହିଛନ୍ତି। ସେ ତାଙ୍କର ଏହି ସଫଳତା ପାଇଁ ବାପା ନନ୍ଦ କିଶୋର ସୁନା, ମାତା କୌଶଲ୍ୟା , ମାମୁଁ ବିକ୍ରମ, ପଙ୍କଜ ଓ କାକା ପୀତାମ୍ବରଙ୍କୁ ଶ୍ରେୟ ଦେଇଛନ୍ତି । ସେ ଜିଲା ପାଇଁ ଗୌରବ ଆଣିଥିବାରୁ ତାଙ୍କ ସଫଳତାରେ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି ।



## ସଂକ୍ଷେପରେ

### ପୋଲିସ ଶହୀଦ ଦିବସ ପାଳିତ

**ବଲାଙ୍ଗୀର ଅଫିସ, ୨୧।୧୦:** ବଲାଙ୍ଗୀର ମନୋହରପୁର ରିଜର୍ଭ ପୋଲିସ ପଡିଆରେ ୬୧ତମ ପୋଲିସ ସହୀଦ ଦିବସ ପାଳିତ ହୋଇଛି। କୋଭିଡ୍‌ରେ ପ୍ରାଣ ହରାଇଥିବା ଯୋଦ୍ଧାଙ୍କ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଅତିରିକ୍ତ ଏସ୍‌ପି ମନୋରଞ୍ଜନ ପ୍ରଧାନ ଦେଶର ସୁରକ୍ଷା, ସାଧାରଣ ଲୋକଙ୍କ ସୁରକ୍ଷାରେ ପୋଲିସର ଭୂମିକା ଓ ସାମ୍ପ୍ରତିକ କରୋନା ମହାମାରୀରେ ପୋଲିସର ଉଲ୍ଲେଖନୀୟ ସେବା ସମ୍ପର୍କରେ ସୂଚନା ଦେଇଥିଲେ। ସଦର ଏସ୍‌ଡିପିଓ ଶ୍ରୀମନ୍ତ ବାରିକ, ଡିଏସପି ରବିନାରାୟଣ ପାତ୍ର, ରିଜର୍ଭ ଇନ୍‌ସପେକ୍ଟର ସତୀଶ ସାହୁ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ କୁମୁଦ ସେଠ୍, ଟାଉନ୍ ଥାନା ଆଇଆଇସି ସଂଗ୍ରାମ କେଶରୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

### କୋଶଳେଶ୍ୱର ମାଳୀ ସମାଜର ନୂତନ କର୍ମକର୍ତ୍ତା

**ଦେଓଗାଁ,୨୧।୧୦(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା କୋଶଳେଶ୍ୱର ମାଳି ସମାଜର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲା କୋଶଳେଶ୍ୱର ମାଳୀ ସମାଜ ବିକାଶ ପରିଷଦର ଜିଲା ସଭାପତି କାର୍ତ୍ତିକ ପୁଟେଲଙ୍କ ସଭାପତିତ୍ୱରେ ଜିଲା ଉପସଭାପତି ସୁବାସ ଚନ୍ଦ୍ର ପୁଟେଲ, ଜିଲା ସମ୍ପାଦକ ତ୍ରିପାଠୀ ପୁଟେଲ, ଜିଲା କୋଷାଧ୍ୟକ୍ଷ ସୁନାରାମ ପୁଟେଲ, ମାଲେସିରା ଅଞ୍ଚଳ ସଭାପତି ବିରାଜ ପୁଟେଲ ଏବଂ ଅଞ୍ଚଳ ସମରଥ ବୃନ୍ଦାବନ ପୁଟେଲ ମଞ୍ଚାସୀନ ଥିଲେ । ଦେବେଶ୍ୱର ପୁଟେଲ ସଭାପତି, ଜତନ ପୁଟେଲ ଉପସଭାପତି, ଶରତ କୁମାର ପୁଟେଲ ସମ୍ପାଦକ, ଜୟକୃଷ୍ଣ ପୁଟେଲ ସହ ସମ୍ପାଦକଏବଂ କୋଷାଧ୍ୟକ୍ଷ ପ୍ରଦୀପ୍ତ କୁମାର ପୁଟେଲଙ୍କୁ ଚୟନ କରାଯାଇଥିଲା

### ‘ଶିକ୍ଷିତ ହେଲେ ସାମାଜିକ ପ୍ରତିଷ୍ଠା ବଢ଼ିବ’

**ବଲାଙ୍ଗୀର ଅଫିସ, ୨୧।୧୦:** ବଲାଙ୍ଗୀର ଠିକାଦାରପଡାସ୍ଥିତ ଜିଲା ଯାଦବ ଭବନ ପରିସରରେ ଯାଦବ ମହାସଭା ପକ୍ଷରୁ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ଓ ଯୁବବର୍ଗଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟଅତିଥିଭାବେ ବଲାଙ୍ଗୀର ତହସିଲଦାର ମଘାବନ ବାଗ ଯାଦବ, ସମ୍ମାନିତ ଅତିଥି ସଦର ବ୍ଲକ ଅଧ୍ୟକ୍ଷ ଗୋଲାପ ବାଗ, ରାଜ୍ୟ ଯୁବ ଯାଦବ ସଭାପତି ମନୋଜ ହାତୀ, ପୂର୍ବତନ ଜିଲା ସମ୍ପାଦକ ଡମନ ବଗର୍ତ୍ତା, ଉପଦେଷ୍ଟା ସତ୍ୟ ନାରାୟଣ ବାଗ ଯୋଗଦାନ କରିଥିଲେ। ପୌରାଞ୍ଚଳ ସଭାପତି ପଙ୍କଜ ସେଲମା ସଭା ପରିଚାଳନା କରିଥିଲେ। ମେଡିକାଲ ପାଠ୍ୟକ୍ରମ, ମାଟ୍ରିକ ଓ ଅନ୍ୟାନ୍ୟ ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଥିବା ଆସ୍ଥା ପରୁଆ, ସାଗରିକା ପୋଢ, ନିହାର ରଞ୍ଜନ ପୋଢ, ତୁଷାର ରଞ୍ଜନ ପୋଢଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଶିକ୍ଷା କ୍ଷେତ୍ରରେ ଅଧିକ ମନୋନିବେଶ କରି ବ୍ୟକ୍ତିଗତ ଓ ସାମାଜିକ ସ୍ତରରେ ପ୍ରତିଷ୍ଠା ଅର୍ଜନ କରିବାକୁ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ । ସଭାରେ ସନ୍ଦୀପ ବାଗ, ବିନୋଦ କୁମାର କାଲସାଏ, ପ୍ରଶାନ୍ତ ମହାକୁର, କୃଷ୍ଣ ଚନ୍ଦନ, ମହେନ୍ଦ୍ର ବାଗ, ବାଦଲ ମହାକୁର ପ୍ରମୁଖ ଉପସ୍ଥିତ ଥିଲେ ।

# ରାଜ୍ୟର ଦ୍ୱିତୀୟ ସୈନିକ ସ୍କୁଲ କାର୍ଯ୍ୟକ୍ଷମ

**ସମ୍ବଲପୁର,୨୧।୧୦(ବ୍ୟୁରୋ)**



ପ୍ରିନ୍ସିପାଲ ଶୋଭିକ୍ ଭଟ୍ଟାଚାର୍ଯ୍ୟ । ନବନିର୍ମିତ ସୈନିକ ସ୍କୁଲ ।

- ଓଡ଼ିଶା ଛାତ୍ରୀଛାତ୍ରଙ୍କ ପାଇଁ ୬୭ ପ୍ରତିଶତ ସ୍ଥାନ ସଂରକ୍ଷିତ
- କେବଳ ଛାତ୍ରୀଙ୍କ ପାଇଁ ୧୦ ପ୍ରତିଶତ
- ମୋଟ ସିଟ୍ ସଂଖ୍ୟା ୧୦୧

ସମ୍ବଲପୁର ଜିଲା ଚିପିଲିମା ନିକଟ ବସନ୍ତପୁରଠାରେ ରାଜ୍ୟର ଦ୍ୱିତୀୟ ସୈନିକ ସ୍କୁଲ କାର୍ଯ୍ୟକ୍ଷମ ହୋଇଛି। ଶ୍ରେଣୀଗୃହ ସହ ପ୍ରଶାସନିକ କୋଠା, ଖେଳ ପଡିଆ, ବ୍ୟାୟାମଶାଳା, ଯୋଗ କେନ୍ଦ୍ର, ଷ୍ଟାଫ୍ କ୍ୱାର୍ଟର ପ୍ରଭୃତି ନିର୍ମାଣ କାମ ସମ୍ପୂର୍ଣ୍ଣ ହୋଇସାରିଛି । ଚଳିତ ଶିକ୍ଷାବର୍ଷରୁ ଏଠାରେ ଛାତ୍ରମାନଙ୍କୁ ଶିକ୍ଷାଦାନ କରାଯାଉଛି। ହେଲେ କରୋନା କଟକଣା ଯୋଗୁ କେବଳ ଅନ୍‌ଲାଇନ୍‌ରେ ପାଠପଢା ଜାରି ରହିଛି। ସମସ୍ତ କର୍ମଚାରୀ ଯୋଗ ଦେଇଛନ୍ତି। ଚଳିତବର୍ଷ ୬ଷ୍ଠ ଶ୍ରେଣୀରେ ନାମଲେଖା ହୋଇଛି। ସମସ୍ତ ସିଟ୍ ପୂରଣ ହୋଇଛି । ମୋଟ ୧୦୧ ଜଣ ଛାତ୍ର ରହିଛନ୍ତି । ଆସନ୍ତା ଶିକ୍ଷା ବର୍ଷରୁ ଛାତ୍ରୀଙ୍କୁ ମଧ୍ୟ ସୈନିକ ସ୍କୁଲରେ ଶିକ୍ଷାଦାନ ଦେବାର ସରକାର ବ୍ୟବସ୍ଥା କରିଛନ୍ତି।

ଅନ୍ୟପକ୍ଷେ ଆସନ୍ତା ଶିକ୍ଷାବର୍ଷ ପାଇଁ ମଧ୍ୟ ଏବେଠୁ ଅନଲାଇନରେ ଆବେଦନ ଫର୍ମ ଉପଲବ୍ଧ ରହିଛି। ଇଚ୍ଛୁକ ପରୀକ୍ଷାର୍ଥୀ ଫର୍ମ ସଂଗ୍ରହ କରି ଆବେଦନ କରିପାରିବେ । ଜାନୁୟାରୀରେ ପ୍ରବେଶିକା ପରୀକ୍ଷା ହେବାର ସ୍ଥିର ହୋଇଛି। ସମୁଦାୟ ସିଟ୍‌ରୁ ୧୦ ପ୍ରତିଶତ ସିଟ୍ ଛାତ୍ରୀଙ୍କ ପାଇଁ ସଂରକ୍ଷିତ ରହିବ। ଓବିସି ପାଇଁ ୨୬ ପ୍ରତିଶତ, ଏସ୍‌ସି ପାଇଁ ୧୬, ଏସ୍‌ଟି ପାଇଁ ୭.୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିଛି । ସମ୍ବଲପୁରରେ ଏହି ୨ୟ ସୈନିକ ସ୍କୁଲ ଖୋଲିବା ଦ୍ୱାରା ରାଜ୍ୟର ଛାତ୍ରୀଛାତ୍ରଙ୍କ ପାଇଁ ମୋଟ୍ ସିଟ୍‌ରୁ ୬୭ ପ୍ରତିଶତ ସଂରକ୍ଷଣ ରହିଛି। ସୈନିକ ସ୍କୁଲର ପ୍ରତ୍ୟେକ ଛାତ୍ରୀଛାତ୍ର କିଭଳି ପ୍ରତିରକ୍ଷା ବିଭାଗରେ ଅଫିସର ପଦରେ ନିଯୁକ୍ତି ପାଇବେ ସେ ଲକ୍ଷ୍ୟ ରହିଥାଏ। ସେମାନଙ୍କୁ ସେହି ପାଠ ପଢାଇବା ସହ ଶାରୀରିକ, ମାନସିକସ୍ତରରେ ପ୍ରସ୍ତୁତ କରାଯାଇଥାଏ। ପାଠ ପଢା ସହ ସ୍କୁଲରେ ସୁଇମିଂ, ହର୍ସ ରାଇଡିଂ, ବନ୍ଧୁକ ଚାଳନା (ସୁଟିଂ), ଖେଳ କୁଦ, ବକ୍ତୃତା, ଚିତ୍ରାଙ୍କନ ଆଦି ଶିକ୍ଷା ଦିଆଯିବ ବୋଲି ସ୍କୁଲ ଅଧ୍ୟକ୍ଷ ସୌଭିକ ଭଟ୍ଟାଚାର୍ଯ୍ୟ ଏହି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ପୂର୍ବରୁ କେବଳ ଭୁବନେଶ୍ୱରର ଭିଏସ୍‌ଏସ୍ ନଗରରେ ଏକମାତ୍ର ସୈନିକ ସ୍କୁଲ ରହିଥିଲା। ସମ୍ବଲପୁରରେ ରାଜ୍ୟର ଦ୍ୱିତୀୟ ସୈନିକ ସ୍କୁଲ ନିର୍ମାଣ ପାଇଁ ଘୋଷଣା ହୋଇଥିଲା । ହେଲେ ଏଥିପାଇଁ ବିଭିନ୍ନ ସମସ୍ୟା ମୁଣ୍ଡ ଟେକିଥିଲା। ଅସ୍ଥାୟୀ ଭାବେ ଚିପିଲିମା ମତ୍ସ୍ୟ ଓ ପଶୁପାଳନ ବିଭାଗର ଗୋ ପ୍ରଜନନ କେନ୍ଦ୍ର କିମ୍ବା ଓୟୁଟି କେନ୍ଦ୍ର ପରିସରରେ ପାଠ ପଢାଇବା ପାଇଁ ଆଲୋଚନା ହୋଇଥିଲା । ହେଲେ ସୈନିକ ସ୍କୁଲ କର୍ତ୍ତୃପକ୍ଷ ପରିଦର୍ଶନ କରି ସ୍ଥାୟୀ କ୍ୟାମ୍ପସ ନ ହେଲେ ଶିକ୍ଷାଦାନ ହେବ ନାହିଁ ବୋଲି କହି ଏହି ପ୍ରସ୍ତାବକୁ ଗ୍ରହଣ କରି ନ ଥିଲେ । ପରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜିଲା ପ୍ରଶାସନ ବସନ୍ତପୁରରେ ୧୦୫ ଏକର ଜମି ଚିହ୍ନଟ କରିଥିଲା। ଏହାପରେ ସ୍କୁଲର ଭିତ୍ତିଭୂମି ତଥା କୋଠା ନିର୍ମାଣ କାମ ଲାଗି ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର ଦିଆଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୪୮ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା।

### ଛାତରୁ ପଡ଼ି ରାଜମିସ୍ତ୍ରିଙ୍କ ମୃତ୍ୟୁ

**ଡୁଙ୍ଗୁରିପାଲି,୨୧।୧୦(ଡି.ଏନ.ଏ.)**

ବୁଧବାର ବଲାଙ୍ଗୀର ଅଞ୍ଚଳକୁ ଯାଇ ଏକ ଘର ତିଆରି କାମରେ ନିୟୋଜିତ ଥିବା ବେଳେ ଛାତରୁ ପଡିଯାଇ ଜଣେ ରାଜମିସ୍ତ୍ରୀଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ସୁରେନ୍ଦ୍ର ନାଏକ (୫୫)। ପ୍ରକାଶ ଯେ, ଡୁଙ୍ଗୁରିପାଲି ବ୍ଲକ ଶୁଖା ଗ୍ରାମର ରାଜମିସ୍ତ୍ରୀ ସୁରେନ୍ଦ୍ର ଗତ ୯ ଦିନ ହେଲା ବଲାଙ୍ଗୀର ଜିଲା ଆଗଲପୁର ଥାନା ଅଧୀନ ଲୁହୁରାମୁଣ୍ଡା ଗ୍ରାମକୁ ଯାଇ ଜଣେ ବ୍ୟକ୍ତିଙ୍କ ଘର କାମ କରୁଥିଲେ। ବୁଧବାର ଅପରାହ୍ନରେ କାମ କଲା ବେଳେ ଅସାବଧାନତା ବଶତଃ ସେ ଛାତରୁ ଖସି ପଡିଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ସେଠାରୁ ୭ କିଲୋମିଟର ଦୂର ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଗୁରୁବାର ଶବ ବ୍ୟବଚ୍ଛେଦ କରାଯିବ । ଏ ନେଇ ଡୁଙ୍ଗୁରିପାଲି ଥାନାରେ ନଂ ୬୦/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ମୃତ ସୁରେନ୍ଦ୍ରଙ୍କ ସ୍ତ୍ରୀ ଓ ଦୁଇଟି ପୁଅ ଅଛନ୍ତି।

# କାର୍ଯ୍ୟାନୁଷ୍ଠାନ ଦାବିରେ ଧାରଣା


ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ସେବାଦଳ ପକ୍ଷରୁ ଅନୁଷ୍ଠିତ ଧାରଣା ।

**ବଲାଙ୍ଗୀର ଅଫିସ, ୨୧।୧୦**

**ସମବାୟ ବ୍ୟାଙ୍କ ଦୁର୍ନୀତି ପ୍ରସଙ୍ଗ**
- ଜିଲା କଂଗ୍ରେସ ସେବାଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କରେ ଦୁର୍ନୀତି ହୋଇଛି। ଏହିଭଳି ଅଭିଯୋଗ ଆଣି କାର୍ଯ୍ୟାନୁଷ୍ଠାନ ଦାବି କରିଛି ଜିଲା କଂଗ୍ରେସ ସେବାଦଳ। ବୁଧବାର ସେବାଦଳ ପକ୍ଷରୁ କଲେକ୍ଟୋରେଟ ସମ୍ମୁଖରେ ଧାରଣା ଦିଆଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୩ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଧାରଣା କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିବା ସେବାଦଳ ଜିଲା ସଭାପତି ଅସିତ କୁମାର ମିଶ୍ର ଅଭିଯୋଗ କରିଥିଲେ ଯେ, ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି ଲକ୍ଷ୍ମଣ କୁମାର ମେହେର ଓ ବ୍ୟାଙ୍କ ନିର୍ଦ୍ଦେଶକମାନେ ଦେଢ଼କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଲୁଟ୍ କରିଛନ୍ତି। ବିଧାନସଭା ଗୃହ କମିଟି ନିର୍ଦ୍ଦେଶରେ ହୋଇଥିବା ସ୍ୱତନ୍ତ୍ର ଅଡିଟ୍‌ରେ ଏହି ଲୁଟ୍ ଧରା ପଡିଛି। ବିଭିନ୍ନ ଗସ୍ତ କାର୍ଯ୍ୟକ୍ରମର ବେଆଇନ ବିଲ, ଅତିରିକ୍ତ ମିଟିଂ ଫି, ବେଆଇନ ନିଯୁକ୍ତିରେ ପୂର୍ବତନ ସଭାପତି ଓ ନିର୍ଦ୍ଦେଶକମାନେ ଅର୍ଥ ତୋଷାରପାତ କରିଥିବାର ସ୍ପଷ୍ଟ ପ୍ରମାଣ ରହିଛି। ଦ୍ୱାରମୁହଁରେ ସମବାୟ କାର୍ଯ୍ୟକ୍ରମରେ ଚାଷୀ ଓ ଜନସାଧାରଣଙ୍କୁ ଶୋଷଣ କରାଯାଇଛି ବୋଲି ଏଥିରେ ଉଲ୍ଲେଖ କରାଯାଇଛି। ଏହି ଦୁର୍ନୀତିର ନିରପେକ୍ଷ ତଦନ୍ତ, ସାଧାରଣ ଜନତା ଓ ଗରିବ ଚାଷୀଙ୍କ ବ୍ୟାଙ୍କରେ ଥିବା ଟଙ୍କା ଆତ୍ମସାତ କରିଥିବା ପୂର୍ବତନ ସଭାପତି ଓ ନିର୍ଦ୍ଦେଶକଙ୍କ ସମ୍ପତ୍ତି ବ୍ୟାଜ୍ୟାପ୍ତ ସହ ଫୌଜଦାରୀ ମାକଦ୍ଦମା ଦାୟର କରି ଗିରଫ କରାଯିବାକୁ ଦାବିପତ୍ରରେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରାଯାଇଛି। କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ କଂଗ୍ରେସ ସେବାଦଳ ଆନ୍ଦୋଳନ କରିବାକୁ ବାଧ୍ୟହେବେ ବୋଲି ଚେତାବନୀ ଦିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଦାବିପତ୍ରକୁ ଜିଲାପାଳ ଚଞ୍ଚଳ ରାଣାଙ୍କୁ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉମାଶଙ୍କର ପଣ୍ଡା, ମୟ ପ୍ରଧାନୀ, ରାମଜୀ ଚୌଧୁରୀ, ଅଜୟ ବାଲି, ଶ୍ରୀଧର ବାରିକ, ମିଳନୀ ସାହୁ, ଯୋଗେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି ମେହେରଙ୍କୁ ଯୋଗାଯୋଗ କରାଯାଇଥିଲା। ବିଧାନସଭା ଗୃହ କମିଟି ୬ ନିର୍ଦ୍ଦେଶରେ ହୋଇଥିବା ସ୍ୱତନ୍ତ୍ର ଅଡିଟ୍ ରିପୋର୍ଟ ତାଙ୍କୁ ହସ୍ତାନ୍ତର ହୋଇ ନ ଥିବା କହିବା ସହ ରାଜନୈତିକ ଆକ୍ରୋଶ ମନୋଭାବ ନେଇ ଏପରି କରାଯାଉଛି ବୋଲି ସେ କହିଛନ୍ତି। ପରିଚାଳନା ପରିଷଦ ଓ ସଭାପତି ସରକାରଙ୍କ ସମସ୍ତ ନିୟମ ମାନି ଚଳିଆସିଛି। ନୋଟିସ୍ ପାଇଲା ପରେ ଅଦାଲତର ଆଶ୍ରୟ ନେବୁ ବୋଲି ସେ କହିଛନ୍ତି ।

### ଚଳିତବର୍ଷ ହେବନି କାନପୁରର ଅଶୀନ ପୁନିଯାତ୍ରା

**ଅମରପାଲି,୨୧।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ନିକଟ କାନପୁରସ୍ଥିତ ମାହେଶ୍ୱରୀ ଠାକୁରାଣୀଙ୍କ ପୀଠରେ କେଉଁ ଆବାହମାନ କାଳରୁ ପାଳିତ ହୋଇ ଆସୁଥିବା ପ୍ରସିଦ୍ଧ କୁମାରସବ (ଅଶୀନ ପୁନି) ଯାତ୍ରା ଚଳିତବର୍ଷ ହେବନାହିଁ । ମାତ୍ର କୋଭିଡ ଗାଇଡଲାଇନ ଅନୁଯାୟୀ ଦେବୀଙ୍କ ପାରମ୍ପରିକ ଧାର୍ମିକ ରୀତିନୀତି ସମ୍ପନ୍ନ କରାଯିବ । ଉକ୍ତ ଦେବୀ ପୀଠର ପରିଚାଳନା କମିଟି ଦ୍ୱାରା ଆହୂତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ପରିଚାଳନା କମିଟିର ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୀଠର ସମସ୍ତ ସେବାୟତ ତଥା ଗ୍ରାମବାସୀଙ୍କ ସହ ସ୍ଥାନୀୟ ଅଞ୍ଚଳର ସଂସ୍କୃତି ପ୍ରେମୀ ଅଂଶଗ୍ରହଣ କରିଥିଲେ । କୋଭିଡ କଟକଣା ମଧ୍ୟରେ କିଭଳି ଭାବରେ ଏହି ପୀଠର ଧାର୍ମିକ ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖାଯାଇ ପାରିବ ସେନେଇ ସେମାନେ ସୁଚିନ୍ତିତ ମତାମତ ଓ ପରାମର୍ଶ ଦେଇଥିଲେ । ଏହି ଐତିହ୍ୟ ସମ୍ପନ୍ନ ଯାତ୍ରାରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେବା ସହ ଦୋକାନ ବଜାର ବସିଥାଏ । ତେବେ ଭିଡକୁ ଏଡାଇବା ପାଇଁ ଚଳିତ ଥର ଯାତ୍ରାରେ କେହି ନ ଆସିବା ପାଇଁ ନିବେଦନ କରାଯାଇଛି। ଏଥିସହିତ ସ୍ଥାନୀୟ ପ୍ରଶାସନ ଜରିଆରେ ଜିଲା ପ୍ରଶାସନ ତଥା ରାଜ୍ୟ ଦେବତ୍ତୋର କମିଶନରଙ୍କୁ ଅବଗତ କରାଯିବାକୁ ପ୍ରସ୍ତାବ ଗୃହୀତ ହୋଇଛି ।

### ବୃଦ୍ଧା ମା’ଙ୍କୁ ଅଧାବାଟରେ ଛାଡ଼ି ଚାଲିଗଲେ ପୁଅ

**ବରଗଡ଼ ଅଫିସ୍,୨୧।୧୦**

**ଭୁଲିଗଲେ ମା’ର ମମତା**

ଗର୍ଭଧାରଣଠାରୁ ଆରମ୍ଭ କରି ସନ୍ତାନ ପ୍ରସବ ଯାଏ ଯନ୍ତ୍ରଣା ସହିଥାଏ ମା। ଭୋକଉପାସ, ରାତି ଅନିଦ୍ରା ରହି ଜନ୍ମିତ ଶିଶୁକୁ ବଡ଼ କରିଥାଏ। ଫଳରେ ଜୀବନରେ ମାର ମମତା ଅବିସ୍ମରଣୀୟ ହୋଇ ରହିଯାଏ। ହେଲେ ଆଜି ମାନବିକତା ହଜିଯାଇଛି। ପରିଣତ ବୟସରେ ମାଠାରୁ ନିଜ ପୁଅ ଦୂରେଇ ଯାଉଛି। ମାନବିକତା ହରାଇଥିବା ପୁଅ ମମତାକୁ ଭୁଲି ଯାଇ ମାକୁ ଘରୁ ତଡ଼ିଦେବା ଭଳି ଘଟଣା ଦେଖିବାକୁ ମିଳୁଛି। ବୁଧବାର ବରଗଡ଼ ଜିଲା ଅତାବିରା ବ୍ଲକ ଗୋଡ଼ଭଗା ବସ୍‌ଷ୍ଟାଣ୍ଡରେ ଏଭଳି ଦେଖିବାକୁ ମିଳିଥିଲା। ମନ୍ଦିର ଯିବାକୁ କହି ବୃଦ୍ଧା ମାଙ୍କୁ ବସ୍‌ରେ ଆଣି ତାଙ୍କ ପୁଅ ଗୋଡ଼ଭଗା ବସ୍‌ଷ୍ଟାଣ୍ଡ ରାସ୍ତାକଡରେ ଛାଡ଼ି ଚାଲି ଯାଇଥିଲେ। ପୁଅର ଫେରିବା ବାଟକୁ ମା ଚାହିଁ ବସିଥିଲେ ମା । ହେଲେ ସନ୍ଧ୍ୟା ପର୍ଯ୍ୟନ୍ତ ପୁଅ ଫେରି ନ ଥିଲେ। ଏହା ଦେଖି ସାମାଜିକ କର୍ମୀ ଅଭିନାଶ ଚନ୍ଦ୍ର ବିଶି ତାଙ୍କୁ ପଚରାଉଚୁରା କରିଥିଲେ। ସବୁ ଶୁଣିବା ପରେ ସେ ଏ ନେଇ ବରଗଡ଼ର ସଂକଳ୍ପ ଅନୁଷ୍ଠାନକୁ ଜଣାଇଥିଲେ। ଅନୁଷ୍ଠାନର ବିକାଶ ଅଗ୍ରୱାଲ ଜିଲା ପ୍ରଶାସନର ଦୃଷ୍ଟିକୁ ଏହି ଘଟଣା ଆଣିଥିଲେ। ପ୍ରଶାସନର ପରାମର୍ଶ ଅନୁଯାୟୀ ସଂକଳ୍ପ ପରିବାରର ଜି. ରମେଶ, ନିଧାନ ଦନ୍ତା ପ୍ରମୁଖ ବୃଦ୍ଧାଙ୍କୁ ଉଦ୍ଧାର କରି ଚକରକେନ୍ଦସ୍ଥିତ ଶାନ୍ତି ତପୋବନ ଆଶ୍ରମ(ମାତୃଛାୟା)କୁ ଆଣିଥିଲେ। ସେଠାରେ ବର୍ତ୍ତମାନ ବୃଦ୍ଧା ଜଣକ ଆଶ୍ରୟ ନେଇଛନ୍ତି। ଅସହାୟତାର କାହାଣୀ ବୃଦ୍ଧା ଜଣକ କହିବା ପରେ ଅସଲ ଘଟଣା ସାମନାକୁ ଆସିଛି। ତେବେ ଶୁଣି ପାରୁ ନ ଥିବା ଯୋଗୁ ତାଙ୍କର ପରିଚୟ ମିଳି ପାରିନାହିଁ ।

### ଅଶୋକ ଲେଲାଣ୍ଡ ନୂତନ ଶୋ’ରୁମ୍ ଉଦ୍‌ଘାଟିତ

**ସମ୍ବଲପୁର,୨୧।୧୦(ବ୍ୟୁରୋ)**

ଅଶୋକ ଲେଲାଣ୍ଡ କମ୍ପାନୀର ଅଧିକୃତ ବିକ୍ରେତା ଜଲାନ ଅଟୋମୋବାଇଲ ନୂତନ ଶୋ’ରୁମ ଶୁଭାରମ୍ଭ ହୋଇଛି । ଏଥିସହ ଜଲାନ ଅଟୋମୋବାଇଲ ସମ୍ବଲପୁର ସମେତ ଝାରସୁଗୁଡ଼ା, ବରଗଡ଼, ବଲାଙ୍ଗୀର, ସୁନ୍ଦରଗଡ଼, ସୁବର୍ଣ୍ଣପୁର ଜିଲାରେ ଅଶୋକ ଲେଲାଣ୍ଡ କମ୍ପାନୀର ସେଲ୍ସ ଓ ସର୍ଭିସ ସେଣ୍ଟର ଆରମ୍ଭ ହୋଇଛି। ସମ୍ବଲପୁର ରେମେଡ ନିକଟସ୍ଥ ଶୋ’ରୁମ ପରିସରରେ ଆୟୋଜିତ ଉଦ୍‌ଘାଟନୀ ତିଥିରେ ଜଣେ ଗ୍ରାହକଙ୍କୁ ନ୍ୟୁ-୪ ବିଏସ୍ ୬ ଭାରିଯାନ ପ୍ରଦାନ କରାଯାଇଛି । ଜଲାନ ଅଟୋମୋବାଇଲର ପରିଚାଳନା ନିର୍ଦ୍ଦେଶକ ଯୋଗେଶ ଜଲାନ, ନିର୍ଦ୍ଦେଶକ ମନୀଷ ଚୌଧୁରୀ, ଅଶୋକ ଲେଲାଣ୍ଡ ପରିଚାଳକ ରାଜେଶ ପଲ୍, ଜଲାନ କମ୍ପାନୀ ପରିଚାଳକ ବିକାଶ ଥେଟୁଆର ପ୍ରମୁଖ ଏହି ଉତ୍ସବରେ ଉପସ୍ଥିତ ଥିଲେ ।



ସମ୍ବଲପୁର ରେମେଡ ଛକ ନିକଟରେ ଜଣେ ଗ୍ରାହକଙ୍କୁ ଅତିଥିମାନେ ଅଶୋକ ଲେଲାଣ୍ଡ ଗାଡ଼ି ଚାବି ପ୍ରଦାନ କରୁଛନ୍ତି।

# ବିଦ୍ୟୁତ୍ ବିଭ୍ରାଟ: ଉପଭୋକ୍ତା ହନ୍ତସନ୍ତ

**ବିନିକା,୨୦।୧୦(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା ପଞ୍ଚାୟତରେ ବିଦ୍ୟୁତ୍ ବିଭ୍ରାଟ ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ସାମାନ୍ୟ ବର୍ଷା ପବନ ହେଲେ, ତାର ଛିଣ୍ଡିଲେ କିମ୍ବା ଟ୍ରାନ୍ସଫର୍ମରର କେବୁଲ ପୋଡିଗଲେ ଲାଇନ ଆସିବା ପାଇଁ ବହୁ ବିଳମ୍ବ ହେଉଛି । ଏହି ଆଳରେ ଦୁଇ ଚାରିଦିନ ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ବନ୍ଦ ରହୁଛି । ଏ ନେଇ ଅଭିଯୋଗ କଲେ ଶୁଣିବାକୁ କେହି ନାହିଁ । ବିଭାଗୀୟ କର୍ମଚାରୀ ଚେଇଁ ଶୋଇଥିବାରୁ ଏହି ଅଞ୍ଚଳରେ ଜନ ଅସନ୍ତୋଷ ଲାଗି ରହିଛି । ଗତ କିଛି ବର୍ଷ ତଳେ ସିଂଘିଯୁବା ସମେତ ୪ଟି ଗ୍ରାମ ପଞ୍ଚାୟତର ୨୩ ଗ୍ରାମକୁ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇବା ପାଇଁ ଏକ ବିଦ୍ୟୁତ୍ ଗ୍ରୀଡ ସବ୍‌ଷ୍ଟେଶନ ବିନିକା ବ୍ଲକ ଜାମପାଲି ନିକଟ ବିଶାଳପାଲିଠାରେ ପ୍ରତିଷ୍ଠା ହୋଇଥିଲା। ବିଭାଗୀୟ କର୍ମଚାରୀଙ୍କ ମନୋମୁଖୀ କାର୍ଯ୍ୟ ଯୋଗୁ ବିଦ୍ୟୁତ୍ ସରବରାହ ବ୍ୟାହତ ହେଉଛି। ଗତ ୧୫ଦିନ ତଳେ ପାପୀ ଗ୍ରାମକୁ ଲମ୍ବିଥିବା ୧୧କେଭି ବିଦ୍ୟୁତ୍ ତାର କୌଣସି କାରଣରୁ ଛିଣ୍ଡି ଯାଇଥିଲା । ଦିନ ପରେ ଦିନ ବିତିଥିଲେ ମଧ୍ୟ ତାର ଯୋଡା ନ ଯିବାରୁ ଗାଁ ଲୋକେ ଦାୟିତ୍ୱରେ ଥିବା ଲାଇନମ୍ୟାନ୍‌କୁ ଯୋଗାଯୋଗ କରିବାକୁ ଉଦ୍ୟମ କରି ନିରାଶ ହୋଇଥିଲେ । ଶେଷରେ ଗ୍ରାମବାସୀ ବ୍ଲକ ଅଧ୍ୟକ୍ଷ ଅଶୋକ ନନ୍ଦଙ୍କୁ ଭେଟି ଜଣାଇଥିଲେ । ସେ ଏ ନେଇ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ଜଣାଇବା ପରେ ତାର ସଂଯୋଗ କରାଯାଇଥିଲା । ବିଭାଗୀୟ ଅଧିକାରୀମାନେ ମିଥ୍ୟା ପ୍ରତିଶ୍ରୁତି ଦେଇ ଠକି ଚାଲିଥିବା ଓ ଲାଇନ୍‌ମ୍ୟାନ୍ ଗ୍ରୀଡ୍ ପାଇଁ ନିୟୋଜିତ ଥିଲେ ସୁଦ୍ଧା କାମକୁ ନୁହେଁ ବୋଲି ଉପଭୋକ୍ତା ବରୁଣ ରାୟ ,ନିରାକାର କର୍ଣ୍ଣ, ଭଗବାନ ସେଠୀ, ଗଣ୍ଡାରାମ ଭୁଏ, ସାନୋଦ ଶର୍ମା, ଜୟନ୍ତ ସାହୁ, ବିପିନ ବାରିକ, ହାଡୁ ମିଶ୍ର, କାର୍ତ୍ତିକ ରାୟ ପ୍ରମୁଖ ଅଭିଯୋଗ କରିଛନ୍ତି ।

# ଉନ୍ନୟନ କାର୍ଯ୍ୟରେ ବିଧାୟକଙ୍କ ହସ୍ତକ୍ଷେପକୁ ବିରୋଧ


ବୈଠକରେ ଯୋଗ ଦେବାକୁ ଆସିଥିବା ବ୍ଲକ୍ ଅଧ୍ୟକ୍ଷାମାନେ।

**ଭବାନୀପାଟଣା, ୨୧।୧୦ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲାର ୧୩ ବ୍ଲକ ମଧ୍ୟରୁ ୯ଟିରେ ମହିଳାମାନେ ଅଧ୍ୟକ୍ଷା ପଦରେ ରହି ସଫଳତାର ସହ କାମ କରୁଛନ୍ତି। ହେଲେ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଜିଲାର ବିଧାୟକମାନେ ମାତ୍ରାଧିକ ହସ୍ତକ୍ଷେପ କରିବା ଯୋଗୁ ବିକାଶ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ବୋଲି ବ୍ଲକ୍ ଅଧ୍ୟକ୍ଷ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି । ଏହାଦ୍ୱାରା ବ୍ଲକ କର୍ତ୍ତୃପକ୍ଷ ବିନିଯୋଗ ପ୍ରମାଣପତ୍ର ଠିକ୍ ସମୟରେ ଦେଇପାରୁ ନ ଥିବା ଚିନ୍ତାର ବିଷୟ ହୋଇଛି। ଏହି ଘଟଣାକୁ ବ୍ଲକ୍ ଅଧ୍ୟକ୍ଷା, ଅଧ୍ୟକ୍ଷ ସଂଘ ନିନ୍ଦା କରିଛି ।

ଏ ନେଇ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା । ତୁରନ୍ତ ଏହାର ସମାଧାନ ଦାବି କରି ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର ଓ ପ୍ରକଳ୍ପ ନିର୍ଦ୍ଦେଶକ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା କଳାହାଣ୍ଡିଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି । ବୈଠକରେ ସଂଘର ଅଧ୍ୟକ୍ଷା ସନ୍ତୋଷୀ ଦାସ, ଥୁ.ରାମପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ମାଝି, ଜୁନାଗଡ଼ ବ୍ଲକ ଅଧ୍ୟକ୍ଷା ନୃତ୍ୟ ମାଝି, କେସିଙ୍ଗା ବ୍ଲକ ଅଧ୍ୟକ୍ଷା ସୁକାନ୍ତି ବେହେରା, ଜୟପାଟଣା ବ୍ଲକ ଅଧ୍ୟକ୍ଷା ଲୋକେସି ରାଉତ, ଧର୍ମଗଡ଼ ବ୍ଲକ ଅଧ୍ୟକ୍ଷ ବଳରାମ ପୂଜାରୀ, ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷ ଫକୀର ମାଝି, ନର୍ଲା ବ୍ଲକ ଅଧ୍ୟକ୍ଷା ନିରୁପମା ମହାନ୍ତି, ମ.ରାମପୁର ବ୍ଲକ ଅଧ୍ୟକ୍ଷ ଜିବେଶ ପଣ୍ଡା, କଲମପୁର ବ୍ଲକ ଅଧ୍ୟକ୍ଷା ମଞ୍ଜୁଳା ସାହୁ ଓ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ତୁଲେଶ୍ୱର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ପୂଜା ପାଇଁ ସ୍ୱତନ୍ତ୍ର ଟ୍ରେନ୍ ବ୍ୟବସ୍ଥା

**ସମ୍ବଲପୁର,୨୧।୧୦(ବ୍ୟୁରୋ)**

ଶାରଦୀୟ ଦୁର୍ଗା ପୂଜାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଲ୍‌ୱେ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବାକୁ ନିଷ୍ପତ୍ତି ନେଇଛି । ୦୨୮୨୭ ପୁରୀ- ସୁରଟ୍ ସ୍ୱତନ୍ତ୍ର ଟ୍ରେନ୍ ୨୫ ଅକ୍ଟୋବରରୁ ୨୯ ନଭେମ୍ବର ପର୍ଯ୍ୟନ୍ତ ପୁରୀରୁ ପ୍ରତି ରବିବାର ଓ ସୁରଟ- ପୁରୀ ସ୍ୱତନ୍ତ୍ର ଟ୍ରେନ୍ ୨୭ ଅକ୍ଟୋବରରୁ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ସୁରଟ୍‌ରୁ ପ୍ରତ୍ୟେକ ମଙ୍ଗଳବାର ଚଳାଚଳ କରିବ । ୦୨୮୨୭ ଓ ୦୨୮୨୮ ସ୍ୱତନ୍ତ୍ର ଟ୍ରେନ୍‌ର ରହଣି ଓ ସମୟ ୨୨୮୨୭ ଓ ୨୨୮୨୮ ଟ୍ରେନ୍ ସହିତ ସମାନ ରହିବ । କେବଳ ତାଳଚେର ରୋଡ୍‌ରେ ରହଣି ହେବ ନାହିଁ । ସେହିପରି ୦୨୮୬୬ ପୁରୀ-ଲୋକମାନ୍ୟ ତିଳକ ଟର୍ମିନସ୍ ସ୍ୱତନ୍ତ୍ର ଟ୍ରେନ୍ ୨୦ ଅକ୍ଟୋବରରୁ ୨୪ ନଭେମ୍ବର ପର୍ଯ୍ୟନ୍ତ ପୁରୀରୁ ପ୍ରତି ମଙ୍ଗଳବାର ଓ ୦୨୮୬୫ ଲୋକମାନ୍ୟ ତିଳକ-ପୁରୀ ଟ୍ରେନ୍ ଅକ୍ଟୋବର ୨୨ରୁ ନଭେମ୍ବର ୨୬ ପର୍ଯ୍ୟନ୍ତ ଲୋକମାନ୍ୟ ତିଳକ ଟର୍ମିନସ୍‌ରୁ ପ୍ରତ୍ୟେକ ଗୁରୁବାର ଚଳାଚଳ କରିବ । ଏହି ଟ୍ରେନ୍‌ର ରହଣି ଓ ସମୟ ମଧ୍ୟ ସମାନ ରହିଛି ।

୦୨୮୮୦ ଭୁବନେଶ୍ୱର-ଲୋକମାନ୍ୟ ତିଳକ ଟର୍ମିନସ୍ ସ୍ୱତନ୍ତ୍ର ଟ୍ରେନ୍ ୨୨ ଅକ୍ଟୋବରରୁ ୩୦ ନଭେମ୍ବର ପର୍ଯ୍ୟନ୍ତ ଭୁବନେଶ୍ୱରରୁ ସୋମବାର ଓ ଗୁରୁବାର ଏବଂ ୦୨୮୭୯ ଲୋକମାନ୍ୟ ତିଳକ ଟର୍ମିନସ୍-ଭୁବନେଶ୍ୱର ଟ୍ରେନ୍ ଅକ୍ଟୋବର ୨୪ରୁ ଡିସେମ୍ବର ୨ ତାରିଖ ମଧ୍ୟରେ ପ୍ରତି ବୁଧବାର ଓ ଶନିବାର ଚଳାଚଳ କରିବ । ଏହି ଟ୍ରେନ୍ କେବଳ ବେଲପାହାଡ଼ ଷ୍ଟେଶନରେ ରହଣି କରିବ ନାହିଁ । ୦୮୩୦୬ ସମ୍ବଲପୁର-ହାୱଡା ଅକ୍ଟୋବର ୨୩ରୁ ନଭେମ୍ବର ୨୭ ପର୍ଯ୍ୟନ୍ତ ସମ୍ବଲପୁରରୁ ପ୍ରତି ଶୁକ୍ରବାର ଓ ୦୮୩୦୫ ହାୱଡା-ସମ୍ବଲପୁର ଟ୍ରେନ୍ ୨୪ ଅକ୍ଟୋବରରୁ ୨୮ ନଭେମ୍ବର ପର୍ଯ୍ୟନ୍ତ ହାୱଡାରୁ ପ୍ରତି ଶନିବାର ଚଳାଚଳ କରିବ । ଏହି ଟ୍ରେନ୍ ବଇଣ୍ଡା ଷ୍ଟେଶନରେ ରହଣି କରିବ ନାହିଁ ।

ଟ୍ରେନ୍ ସଂଖ୍ୟା ୦୮୩୧୧ ସମ୍ବଲପୁର-ମାଣ୍ଡିଆଡ଼ିହି ଅକ୍ଟୋବର ୨୧ରୁ ନଭେମ୍ବର ୨୯ ପର୍ଯ୍ୟନ୍ତ ସମ୍ବଲପୁରରୁ ପ୍ରତି ବୁଧବାର ଓ ରବିବାର ଚଳାଚଳ କରିବ । ସେହିପରି ୦୮୩୧୨ ମାଣ୍ଡିଆଡ଼ିହି-ସମ୍ବଲପୁର ଟ୍ରେନ୍ ଅକ୍ଟୋବର ୨୨ରୁ ନଭେମ୍ବର ୩୦ ପର୍ଯ୍ୟନ୍ତ ମାଣ୍ଡିଆଡ଼ିହିରୁ ପ୍ରତି ଗୁରୁବାର ଓ ସୋମବାର ଚଳାଚଳ କରିବ । ପାତ୍ରୁ, ଖଲାରି, ଲତେହାର, ବରୱାଡ଼ିହି, କଜରତ ନବାଡ଼ିହ, ଅଙ୍କୋରା ଅକୋରା, ସୋନନଗର, ଦୁର୍ଗୌତି ଓ କରମନାସା ଷ୍ଟେଶନରେ ରହଣି ହେବ ନାହିଁ । ୦୮୩୦୩ ଓ ୦୮୩୦୪ ସମ୍ବଲପୁର-ପୁରୀ- ସମ୍ବଲପୁର ଟ୍ରେନ୍ ଅକ୍ଟୋବର ୨୦ରୁ ନଭେମ୍ବର ୩୦ ପର୍ଯ୍ୟନ୍ତ ଉଭୟ ପଟରୁ ପ୍ରତ୍ୟେକ ଦିନ ଚଳାଚଳ କରିବ । ୦୨୮୮୩ ବିଶାଖାପାଟଣା- ନିଜାମୁଦ୍ଦିନ ଟ୍ରେନ୍ ଅକ୍ଟୋବର ୨୦ରୁ ନଭେମ୍ବର ୨୯ ପର୍ଯ୍ୟନ୍ତ ବିଶାଖାପାଟଣାରୁ ପ୍ରତ୍ୟେକ ମଙ୍ଗଳବାର, ବୁଧବାର, ଗୁରୁବାର, ଶନିବାର ଓ ରବିବାର ଚଳାଚଳ କରିବ । ୦୨୮୮୮ ନିଜାମୁଦ୍ଦିନ- ବିଶାଖାପାଟଣା ଟ୍ରେନ୍ ନିଜାମୁଦ୍ଦିନରୁ ଅକ୍ଟୋବର ୨୨ରୁ ଡିସେମ୍ବର ୧ ପର୍ଯ୍ୟନ୍ତ ପ୍ରତି ଗୁରୁବାର, ଶୁକ୍ରବାର, ଶନିବାର, ସୋମବାର ଓ ମଙ୍ଗଳବାର ଚଳାଚଳ କରିବ । ସିଙ୍ଘାପୁର ରୋଡ, ଥେରୁବାଲି, ଆମ୍ବାବଲା, ନର୍ଲା ରୋଡ ଓ ରୁପ୍ରା ରୋଡ ଷ୍ଟେଶନରେ ରହଣି ହେବ ନାହିଁ । ୦୨୮୫୭ ବିଶାଖାପାଟଣା-ଲୋକମାନ୍ୟ ତିଳକ ଟ୍ରେନ୍ ବିଶାଖାପାଟଣାରୁ ଅକ୍ଟୋବର ୨୫ରୁ ନଭେମ୍ବର ୩୧ ପର୍ଯ୍ୟନ୍ତ ପ୍ରତ୍ୟେକ ରବିବାର ଏବଂ ୦୨୮୫୮ ଲୋକମାନ୍ୟ ତିଳକ- ବିଶାଖାପାଟଣା ଟ୍ରେନ୍ ଅକ୍ଟୋବର ୨୭ରୁ ଡିସେମ୍ବର ୧ ପର୍ଯ୍ୟନ୍ତ ପ୍ରତ୍ୟେକ ମଙ୍ଗଳବାର ଚଳାଚଳ କରିବ । ୦୨୮୩୫ ହାଟିଆ-ଯଶୱନ୍ତପୁର ଟ୍ରେନ୍ ଅକ୍ଟୋବର ୨୦ରୁ ନଭେମ୍ବର ୨୪ ମଧ୍ୟରେ ହାଟିଆରୁ ମଙ୍ଗଳବାର ଏବଂ ୦୨୮୩୬ ଯଶୱନ୍ତପୁର - ହାଟିଆ ଟ୍ରେନ୍ ଅକ୍ଟୋବର ୨୩ରୁ ନଭେମ୍ବର ୨୭ ପର୍ଯ୍ୟନ୍ତ ଯସୱନ୍ତପୁରରୁ ଶୁକ୍ରବାର ଚଳାଚଳ କରିବ । ୦୨୮୮୯ ଟାଟା- ଯଶୱନ୍ତପୁର ଟ୍ରେନ୍‌ଟି ଅକ୍ଟୋବର ୨୩ରୁ ନଭେମ୍ବର ୨୭ ପର୍ଯ୍ୟନ୍ତ ଟାଟାରୁ ପ୍ରତ୍ୟେକ ଶୁକ୍ରବାର ଏବଂ ୦୨୮୯୦ ଯଶୱନ୍ତପୁର- ଟାଟା ଟ୍ରେନ୍ ଅକ୍ଟୋବର ୨୬ରୁ ନଭେମ୍ବର ୩୦ ପର୍ଯ୍ୟନ୍ତ ଯଶୱନ୍ତପୁରରୁ ସୋମବାର ଚଳାଚଳ କରିବ ବୋଲି ସମ୍ବଲପୁର ରେଳ ମଣ୍ଡଳ ଜନସମ୍ପର୍କ ଅଫିସ ପକ୍ଷରୁ ସୂଚିତ କରାଯାଇଛି ।

